## ସଂକ୍ଷେପରେ

### ୪୭ ଲିଟର ମଦ ଜବତ, ୫ ଗିରଫ



**ବନ୍ତଲା,୨୩।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ, ବନ୍ତଲା ଓ ଜରପଡା ଥାନା ଅଞ୍ଚଳରେ ସୋମବାର ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୭ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଏଥିସହ ପୁରୁଣାକୋଟ ଥାନା ବଡ଼ଖେତା ଗ୍ରାମର ସହଦେ ଭୋଇ (୫୬), ବନ୍ତଲା ଥାନା ତଲସିରା ଗ୍ରାମର ବିଜୟ ପ୍ରଧାନ (୪୫), ଯୁଗଳ ଦେହୁରୀ (୬୦), ସୁଲୋଚନା ଦେହୁରୀ (୪୫) ଓ ଜରପଡା ଥାନା ଅମନ୍ତପୁର ଗ୍ରାମର ରବୀନ୍ଦ୍ର ବେହେରା(୫୬)ଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ ଅନୁଗୋଳ ସଦର ଇନ୍ସପେକ୍ଟର କରୁଣା ତିୱାରି, ସବ୍ ଇନ୍ସପେକ୍ଟର ଅରବିନ୍ଦ ପ୍ରସାଦ ରାଉତରାୟ, ଏଏସ୍ଆଇ ବିଜୟ କୁମାର ସାମଲ, ହେମନ୍ତ ନାଏକଙ୍କ ସମେତ ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ।

### ପ୍ରସାଦୀ ପ୍ରଧାନଙ୍କ ସ୍ମରଣ ସଭା

**ଅନୁଗୋଳ ଅଫିସ/ଛେଣ୍ଡିପଦା, ୨୩।୧୨:** ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତ ଷଣ୍ଢପାଳ ଗ୍ରାମରେ ଏସ୍ୟୁସିଆଇ (କମ୍ୟୁନିଷ୍ଟ)ର ବରିଷ୍ଠ ସଦସ୍ୟ ତଥା ବିଶିଷ୍ଟ ଶିକ୍ଷକନେତା ପ୍ରସାଦୀ ପ୍ରଧାନଙ୍କ ସ୍ମରଣ ସଭା ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଆଞ୍ଚଳିକ କମିଟି ସମ୍ପାଦକ ନବକିଶୋର ପ୍ରଧାନ ଏହାକୁ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ କମିଟି ସଭ୍ୟ ତଥା ଜିଲା ସମ୍ପାଦକ ଭିକାରୀ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ଚନ୍ଦ୍ରମଣି ବେହେରା, କୁମୁଦ ସାହୁ, ଗଗନ ବେହେରା, ଉଚ୍ଛନ୍ନ ବେହେରା, ଚୈତନ୍ୟ ସାହୁ, ପ୍ରମୋଦ ବେହେରା ପ୍ରମୁଖ ପ୍ରସାଦୀଙ୍କ ସ୍ମୃତିଚାରଣ କରିଥିଲେ।

### ପାର୍ଶ୍ୱ ରାସ୍ତା ପାଇଁ ଜଙ୍ଗଲରୁ ଗଛ କଟା ଅଭିଯୋଗ

# ବନ ବିଭାଗ ଉପରକୁ ଦୋଷ ଠେଲିଲା ଠିକାସଂସ୍ଥା

**ବନ୍ତଲା,୨୩।୧୨(ଡି.ଏନ.ଏ.)**

- ଲିଖିତ ନୁହେଁ ମୌଖିକ ଭାବେ କହିଥିଲା ବନ ବିଭାଗ
- ଅସନ୍ତୋଷ ବ୍ୟକ୍ତ କଲେ ଆରସିସିଏଫ୍
- ପୂର୍ତ୍ତ ବିଭାଗକୁ ଚିଠି ପଠାଇଲେ ଡିଏଫ୍ଓ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ପୁରୁଣାକୋଟ ଥାନା ଟିକରପଡା ରେଞ୍ଜ ଅଧୀନରେ ଥିବା କୁସଖଲିଠାରୁ ଟିକରପଡା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ବେଳେ ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ ଅଭୟାରଣ୍ୟ ଆଇନ ଉଲ୍ଲଂଘନ କରାଯାଇ ଜଙ୍ଗଲରୁ ଗଛ କଟାଯାଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଠିକା ସଂସ୍ଥା କିନ୍ତୁ ବନ ବିଭାଗ ଉପରକୁ ଦୋଷ ଠେଲିଛି। ଲିଖିତ ଅନୁମତି ନ ଥିଲେ ବି ବନ ବିଭାଗ ଏଥିପାଇଁ କହିଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଛି।

ଅଭିଯୋଗରୁ ପ୍ରକାଶ ଯେ, ଅଭୟାରଣ୍ୟ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ସହ ଛୋଟ ଛୋଟ ପୋଲ ନିର୍ମାଣ ହେଉଛି। ଏହି ରାସ୍ତାକୁ ଲାଗି ସରକାରୀ ଓ ବେସରକାରୀ ଜାଗା ଥିଲେ ବି ସେଥିରେ ପାର୍ଶ୍ୱ ରାସ୍ତା କରା ନ ଯାଇ ପାହାଡ଼ ଓ ଗଛ କାଟି



ଅଭୟାରଣ୍ୟ ମଧ୍ୟରେ ନିର୍ମାଣ କରାଯାଇଥିବା ପାର୍ଶ୍ୱ ରାସ୍ତା।

ପାର୍ଶ୍ୱରାସ୍ତା ନିର୍ମାଣ କରାଯାଉଛି। ଅଭୟାରଣ୍ୟ ଆଇନ ଅନୁଯାୟୀ ଗଛର ପତ୍ର, ପାଣି ନଷ୍ଟ କରାଯାଇ ପାରିବ ନାହିଁ। ଏଥିସହିତ ବନ୍ୟଜନ୍ତୁଙ୍କ ବାସସ୍ଥଳୀ ଓ ଖାଦ୍ୟ ନଷ୍ଟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆଇନ ରହିଛି। ତେଣୁ ଏଠାରେ ବନ୍ୟପ୍ରାଣୀ ଆଇନ ୧୯୭୨କୁ ଉଲ୍ଲଂଘନ କରାଯାଇଥିବା ବୁଦ୍ଧୀଜୀବୀମାନେ କହିଛନ୍ତି। ଏପରି ଘଟଣାକୁ ନେଇ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍ସିସିଏଫ୍) ପ୍ରଦୀପ ରାଜ କରାଟେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏ ନେଇ ପୂର୍ତ୍ତ ବିଭାଗକୁ ଚିଠି କରିବା ସହିତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାତକୋଶିଆ ଡିଏଫଓଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସାତକୋଶିଆ ଡିଏଫ୍ଓ ରାମସ୍ୱାମୀ ପି. କହିଛନ୍ତି, ରାସ୍ତା ନିର୍ମାଣ ପାଇଁ ପାହାଡ଼ ଓ ଗଛ କାଟିବାକୁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ। ପୂର୍ତ୍ତ ବିଭାଗ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଚିଠି କରାଯାଇଛି। ପୂର୍ତ୍ତ ବିଭାଗ ଏସ୍ଡିଓ ବିନୟ କୁମାର ପାଢୀ କହିଛନ୍ତି, ଗଛ ନଷ୍ଟ କରି ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ। ସାଧାରଣ ଲୋକ ଓ ଗାଡି ଯିବା ଆସିବା ପାଇଁ ଠିକାଦାର ପାର୍ଶ୍ୱ ରାସ୍ତା ନିର୍ମାଣ କରିଥାନ୍ତି। ଏ ସମ୍ପର୍କରେ ରାସ୍ତା କାର୍ଯ୍ୟ କରୁଥିବା ଠିକାସଂସ୍ଥାର ପ୍ରମୁଖ ଆନନ୍ଦ ରାଉଳ କହିଛନ୍ତି, ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ବେସରକାରୀ ଜମି ରହିଛି। କିନ୍ତୁ ମାଲିକମାନେ ଜମି ଛାଡ଼ିଲେନି। ବନ ବିଭାଗ କହିବାରୁ ପାହାଡ଼ ଉପରେ ପାର୍ଶ୍ୱ ରାସ୍ତା ନିର୍ମାଣ କରାଯାଇଛି। ହେଲେ କୌଣସି ଲିଖିତ ଆଦେଶ ବନ ବିଭାଗ ଦେଇ ନାହିଁ ବୋଲି ରାଉଳ ପ୍ରକାଶ କରିଛନ୍ତି।

## ମା' ହିଙ୍ଗୁଳା କ୍ରିକେଟ : ଫୁଲପଡ଼ା ଚାମ୍ପିୟନ




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ବନ୍ତଲା, ୨୩।୧୨ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବାଲୁଅକଟା ରାଧାକ୍ରିଷ୍ଣ କ୍ରିକେଟ ପଡ଼ିଆରେ ଚାଲିଥିବା ସପ୍ତମ ମା' ହିଙ୍ଗୁଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅରୁନାଭ ସିଂହ, ସମ୍ମାନିତ ଅତିଥି ଭାବେ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ରାଜୀବ ଲୋଚନ ଦାସ, ବ୍ଲକ ଯୁବ ବିଜେଡି ସଭାପତି ସରୋଜ ସାହୁ, ଅନୁଗୋଳ କାଉନସିଲର ତାପସ ରଞ୍ଜନ ନାୟକ, ପ୍ରବୀଣ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚରେ ଫୁଲପଡ଼ା କ୍ଲବ ପ୍ରଥମେ ବ୍ୟାଟିଂ କରି ୧୬୯ ରନ କରିଥିଲା। ଜବାବରେ ନୂଆଗାଁ କ୍ଲବ ୧୫୧ ରନ କରି ପରାସ୍ତ ହୋଇଥିଲା। ଫୁଲପଡ଼ାର ଚିକୁ ଗଡ଼ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ମହେନ୍ଦ୍ର କୁମାର ମହାମାନ୍ସିଂହ ଓ ରଞ୍ଜନ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଚାମ୍ପିୟନ ଦଳକୁ ଅତିଥିମାନେ ୧୦ ହଜାର ୧ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୬ ହଜାର ୬ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ବିଜୟ ଦେହୁରୀ, ତପନ ଦେହୁରୀ, ମାର୍କଣ୍ଡ ପ୍ରଧାନ, ଆଶୁତୋଷ ଦେହୁରୀ, ଲିପୁ ଦେହୁରୀ, ନଗେନ ଦେହୁରୀ, ଅନିରୁଦ୍ଧ ଦେହୁରୀ, ତ୍ରିନାଥ ସାହୁ, ପୀତବାସ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ରାଜପଥରେ ବଢ଼ୁଛି ଦୁର୍ଘଟଣା, ଅସନ୍ତୋଷ

**ଅନୁଗୋଳ ଅଫିସ, ୨୩।୧୨**

ଅନୁଗୋଳ ସହର ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଦୁର୍ଦ୍ଦଶା ଯୋଗୁ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ କି ଜାତୀୟ ରାଜପଥ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହିଁ। ରାଜପଥର ମରାମତି ଓ ଜୀବନ ରକ୍ଷା ଦାବିରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ସୋମବାର ସନ୍ଧ୍ୟାରେ ବାସନ୍ତୀ ଦୁର୍ଗାପୂଜା ମଣ୍ଡପ ଠାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆର୍ଟିଓ ଅଫିସ୍ ଠାରୁ ସିପିପି ଛକ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ବେଗରେ ଗାଡ଼ି ଚାଳନାକୁ ସୁନିଶ୍ଚିତ କରିବା, ତୁରନ୍ତ ରାସ୍ତା ମରାମତି, ରାସ୍ତାପାରି ହେବା ସ୍ଥାନ ଚିହ୍ନଟ କରି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରିବାକୁ ଏଥିରେ ଦାବି କରାଯିବା ସହ ଖୁବ୍ଶୀଘ୍ର ସମସ୍ତ ସଙ୍ଗଠନ, ପୂଜା କମିଟି, କ୍ଲବ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତାଙ୍କୁ ନେଇ ବୈଠକ କରାଯିବ। ଏହାପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସୋମବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି।

### ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ଖଇରା,୨୩।୧୨(ଡି.ଏନ.ଏ.)-** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁରୁଣ୍ଟା ଗ୍ରାମରୁ ରବିବାର ରାତିରେ କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ଗହଣା ଚୋରି ହୋଇଯାଇଛି।ଲ୍ କୁରୁଣ୍ଟା ଗ୍ରାମର ମଲ୍ଲୀ ପୃଷ୍ଟିଙ୍କ ଘରେ ଥିବା ଏକ ସୁନାହାର, ୨ଟି ସୁନା ମୁଦି, ଗୋଟିଏ ସୁନା ଚେନ୍ ସହିତ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଇଥିଲେ। ପରେ ପରିବାର ଲୋକେ ଘରକୁ ଫେରି ଚୋରି ହୋଇଥିବା ଦେଖି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ତାଳଚେର,୨୩।୧୨(ନି.ପ୍ର.)**

କଣିହାଁ ଥାନା ତେଲିସିଙ୍ଗା ଗ୍ରାମରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ୨୦୧୫ ନଭେମ୍ବର ୨୧ରେ ତେଲିସିଙ୍ଗା ଗ୍ରାମର ମଦନମୋହନ ପ୍ରଧାନଙ୍କୁ ସେହି ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳ ଖଣ୍ଡାରେ ହାଣି ପକାଇଥିଲେ। ଜଗଦାନନ୍ଦ ପ୍ରଧାନ ଓ ଅନ୍ୟ ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ଅମୃତରଞ୍ଜନ ନନ୍ଦ ସୋମବାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଆଉ ୬ମାସ ଅଧିକ କାରାଦଣ୍ଡ ଭୋଗିବାକୁ କୋର୍ଟ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ହରେକୃଷ୍ଣ ପାତ୍ର ଓ ନିର୍ମଳ ତ୍ରିପାଠୀ ମାମଲା ପରିଚାଳନା କରିଥିଲେ।




# ଶୀତ ପ୍ରବାହ ପାଇଁ ସତର୍କତା

DSPL-208

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

24007/13/0012/1920

ସଚେତନତା ଓ ସତର୍କତା ହିଁ ସୁରକ୍ଷା

OSDMA

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

## ସଂକ୍ଷେପରେ

### କମଲାଙ୍ଗରେ ୧୬ ହାତୀ



**ଓଡ଼ାପଡ଼ା, ୨୩।୧୨(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ କମଲାଙ୍ଗ ଅଞ୍ଚଳରେ ଦୁଇଦିନ ହେଲା ଏକ ପଲରେ ୧୬ ହାତୀ ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ହାତୀପଲ ଖଳା, ଜମିରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ସେମାନଙ୍କ ଉତ୍ପାତରେ ପରିବା ଚାଷ, କଦଳୀ ବଗିଚା ଉଜୁଡ଼ି ଯାଇଛି। କେବଳ ଏତିକି ନୁହେଁ, ଆତଙ୍କ ସୃଷ୍ଟି କରିଥିବା ହାତୀ ଘରଦ୍ୱାର ଭାଙ୍ଗି ପକାଉଛନ୍ତି। ଏଥିରେ ଅଚଳକୋଟ ଗ୍ରାମର ବାବୁଲି ଭୋଇ, ଭଙ୍ଗାମୁଣ୍ଡା ଗ୍ରାମର ଅରୁଣ ନାଏକ, ପାର୍ଥ ନାଏକ, କାଳିଆ ତଇଳାର ଲଛମନ ମହାପାତ୍ର, କରୁଣା ମହାପାତ୍ର, କୁଳମଣି ମହାପାତ୍ର, ଲଳିତ ଦାସ ପ୍ରମୁଖଙ୍କ ବ୍ୟାପକ କ୍ଷତି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥି ପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଜାତୀୟ ଧର୍ମଘଟରେ ସାମିଲ ହେବେ ରାଜ୍ୟ କର୍ମଚାରୀ

**ଢେଙ୍କାନାଳ ଅଫିସ, ୨୩।୧୨:** କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ୧୦ଦଫା ଦାବି ନେଇ ଆସନ୍ତା ଜାନୁୟାରୀ ୮ରେ ସର୍ବଭାରତୀୟ ଜାତୀୟ ଧର୍ମଘଟରେ ରାଜ୍ୟ କର୍ମଚାରୀମାନେ ସାମିଲ ହେବେ। ଏ ନେଇ ସୋମବାର ସୂଚନା ଦେଇଛନ୍ତି ଢେଙ୍କାନାଳ ଶାଖାର ଅରୁଣ କୁମାର ବଳିଆରସିଂ। କେନ୍ଦ୍ର ସରକାରଙ୍କ ଶ୍ରମିକ, ଶିକ୍ଷକ ମାରଣନୀତିକୁ ବିରୋଧ କରି ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧର୍ମଘଟକୁ ସମର୍ଥନ କରିବା ପାଇଁ ସଭାପତି ଲିଙ୍ଗରାଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ପ୍ରଧାନ, ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜାତୀୟ ଧର୍ମଘଟରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୨୬ଜଣ ପ୍ରତିନିଧି ଯୋଗଦେବେ।

### ହୃଦ୍‌ଘାତରେ ଠିକା କର୍ମଚାରୀ ମୃତ

**ଭୁବନ, ୨୩।୧୨(ଡି.ଏନ.ଏ.):** କେହି ଶୁଣିପାରନ୍ତିନି ମୃତ୍ୟୁର ପଦଚିହ୍ନ। ସେ ହଠାତ୍ ଆସେ। ଆଉ ନେଇଯାଏ ଜୀବନ। ଏପରି ଏକ ଦୁଃଖଦ ଘଟଣା ଘଟିଛି ଭୁବନ ଥାନା ବାରୁଆଁ ଗ୍ରାମରେ। ଏଠାରେ ନିର୍ମାଣାଧୀନ ଗ୍ରୀଡ୍ କାର୍ଯ୍ୟରେ ନିୟୋଜିତ ଜଣେ ଠିକା କର୍ମଚାରୀ ଲକ୍ଷ୍ମଣ ମୁର୍ମୁ(୭୨)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମଣ ଗ୍ରୀଡ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ଲାଗି ରୋଷେୟା ଭାବେ ଭୋଜନ ପ୍ରସ୍ତୁତ କରୁଥିଲେ। ସୋମବାର ସେ ହଠାତ୍ ହୃଦ୍‌ଘାତର ଶିକାର ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା କର୍ମଚାରୀମାନେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

■ଘରଡିହ ପଟ୍ଟା ମିଳିବାର ୧୨ବର୍ଷ ବିତିଲା

# ଚିହ୍ନଟ ହେଉନି ଜମି, ମିଳୁନି ଦଖଲ

**ଢେଙ୍କାନାଳ ଅଫିସ, ୨୩।୧୨**

ଦୀର୍ଘ ୧୨ ବର୍ଷ ହେଲା ମିଳିଛି ଘରଡିହ। ହେଲେ ଜମି ଚିହ୍ନଟ ହେଉଛି ନା ମିଳୁଛି ଦଖଲ। କେବଳ ପଟ୍ଟା କବଲା ଧରି ହିନସ୍ତା ହେଉଛନ୍ତି ଢେଙ୍କାନାଳ ସଦର ବ୍ଲକ ଢେଙ୍କାନାଳ ସଦର ବ୍ଲକ ନଡିଆଳି ଗ୍ରାମର ଭୂମିହୀନ ଜନସାଧାରଣ। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସୁଫଳ ନ ମିଳିବାରୁ ସେମାନେ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ମାଗିଛନ୍ତି ନ୍ୟାଯ୍ୟଦାବି।

ଅଭିଯୋଗରୁ ଜଣାପଡିଛି, ୨୦୦୬ରେ ନଡ଼ିଆଳି ଗ୍ରାମକୁ ଏକ ସରକାରୀ କାର୍ଯ୍ୟକ୍ରମରେ ଆସିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ସେ ଅଞ୍ଚଳର ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ କରିଥିଲେ। ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତାରୁ ସେମାନଙ୍କ ଜମି ଚିହ୍ନଟ ହୋଇପାରି ନ ଥିଲା। ଦଖଲ ନ ମିଳିବାରୁ ସମ୍ପୃକ୍ତ ହିତାଧିକାରୀମାନେ ବ୍ୟକ୍ତିଗତ ଏବଂ ସାମୂହିକ ଭାବେ ବହୁବାର ଜିଲା ପ୍ରଶାସନ ଏବଂ ସଦର ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜମିକୁ ନିଜ ଅକ୍ତିଆରକୁ ନେଇ ସାରିଲେଣି। ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର ମଧ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଘରଡିହ ପଟ୍ଟାରେ ଆଉ ଜାଗା ମିଳିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ୧୫ଦିନ ଭିତରେ ଜମି ଚିହ୍ନଟ, ଦଖଲ ପ୍ରଦାନ କରିବା ସହ ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଙ୍ଗରାଜ ଦେହୁରୀ, ହେମ ଦେହୁରୀ, ଲକ୍ଷ୍ମଣ ଦେହୁରୀ, ହୀରା ଦେହୁରୀ, ଶୁକ ଦେହୁରୀ ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ଭବେଶ ନାୟକ କୁହନ୍ତି, ଅଭିଯୋଗ ହସ୍ତଗତ ହୋଇଛି। ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।



ଜାଗା ଚିହ୍ନଟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ।

■ଜବରଦଖଲକାରୀ କବ୍‌ଜା କଲେଣି
■ହିତାଧିକାରୀ ଜିଲା ପ୍ରଶାସନର ଦ୍ୱାରସ୍ଥ
■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
■୧୫ଦିନ ମଧରେ ସମସ୍ୟା ସମାଧାନ ଦାବି

■ଲାଗିଲା ସୌରଚାଳିତ ଷ୍ଟ୍ରିଟ୍‌ଲାଇଟ୍

## ଉପକୃତ ହେବେ ୮ ହଜାର ଗ୍ରାମବାସୀ

**ଓଡ଼ାପଡ଼ା, ୨୩।୧୨(ଡି.ଏନ.ଏ)**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ ପକ୍ଷରୁ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ରାସ୍ତାଗୁଡ଼ିକୁ ଆଲୋକିତ କରିବାକୁ ରବିବାର ୧୦୦ରୁ ଊର୍ଦ୍ଧ୍ୱ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ହିନ୍ଦୋଳ, ଓଡ଼ାପଡ଼ା ଏବଂ ବଅଁରପାଳ ବ୍ଲକର ୧୦ ଗ୍ରାମରେ ଏହି ସୌର ଲାଇଟ୍ ଲାଗିଛି। ଏହାଦ୍ୱାରା କୁରୁଣ୍ଟି, କୁଶୁପଙ୍ଗା, ନରେନ୍ଦ୍ରପୁର, ଶିବପୁର, ସରପା, ରଘୁନାଥପୁର, ନୂଆଗାଁ, ଗଣ୍ଡିଗାଡିଆ, ତଳବାହାଳ, କଣ୍ଟାବଣିଆ ବଜାର ସମେତ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଗ୍ରାମର ୮ହଜାର ଜନସାଧାରଣ ଉପକୃତ ହେବେ। ସୌରଚାଳିତ ହୋଇଥିବାରୁ ଷ୍ଟ୍ରିଟ୍‌ଲାଇଟ୍ ଗୁଡ଼ିକ ପରିବେଶ ଅନୁକୂଳ। ଏ ନେଇ କୁଶୁପଙ୍ଗା ସରପଞ୍ଚ ପଙ୍କଜ ପ୍ରଧାନ କୁହନ୍ତି, ପୂର୍ବରୁ ଗ୍ରାମ ରାସ୍ତାଗୁଡିକ ରାତିରେ ଅନ୍ଧକାର ହୋଇ ରହୁଥିଲା। ଚଳପ୍ରଚଳ କରିବାରେ ସମସ୍ୟା ହେଉଥିଲା। ଏବେ ସମସ୍ୟା ସମାଧାନ ହୋଇଛି। କମ୍ପାନୀ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।



ସ୍ଥାପନ ହୋଇଥିବା ସୌରଚାଳିତ ଷ୍ଟ୍ରିଟଲାଇଟ୍।

## ସିନର୍ଜି କଲେଜର ପୁରାତନ ଛାତ୍ର ସଂସଦ ବୈଠକ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଏବଂ ଅତିଥି।

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜର ପୁରାତନ ଛାତ୍ର ସଂସଦ ବୈଠକ ଶନିବାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ୪୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ କଲେଜ, ଦେଶ, ସମାଜର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋକପାତ କରିଥିଲେ।

ମହାବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ବିନୋଦ ଦାଶ ବୈଠକକୁ ଉଦ୍‌ଘାଟନ କରି ନବାଗତ ଛାତ୍ରୀଛାତ୍ରଙ୍କୁ ଠିକ୍ ଦିଗଦର୍ଶନ ଦେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା ଡ. ଇତିଶ୍ରୀ ମହାନ୍ତି, ଡିପ୍ଲୋମା ବିଭାଗ ଅଧ୍ୟକ୍ଷ ପ୍ରଫେସର ସରୋଜ ନାୟକ, ପୁରାତନ ଛାତ୍ର ସଂସଦ ସମ୍ପାଦକ ସ୍ମୃତିରଞ୍ଜନ ଦାସ ପ୍ରମୁଖ ଛାତ୍ର ସଂସଦକୁ ମଜଭୁତ କରିବା ସହ ସମାଜ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦେଶରେ ଥିବା ଛାତ୍ରୀଛାତ୍ରମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମତାମତ ଉପସ୍ଥାପନ କରିଥିଲେ। ପରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ପ୍ରଫୁଲ୍ଲ ମିଶ୍ର ଧନ୍ୟବାଦ ଦେଇଥିଲେ।

■ଛାତ୍ରୀଙ୍କୁ ଅସଦାଚରଣ ମାମଲା

## ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୨୩।୧୨**

ହିନ୍ଦୋଳ ଥାନା ଅଞ୍ଚଳର ଏକ ଛାତ୍ରୀ (୧୪ବର୍ଷ) ଅସଦାଚରଣ ମାମଲାର ରାୟ ସୋମବାର ଢେଙ୍କାନାଳ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ବିଚାରପତି ରାଜକିଶୋର ମହାପାତ୍ର ଅଭିଯୁକ୍ତ ଶ୍ରୀଧର ନାଏକ (୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାନ୍ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଫେବୃୟାରୀ ୫ରେ ନାବାଳିକା ଜଣକ ସ୍କୁଲରୁ ଘରକୁ ଆସୁଥିବାବେଳେ ଶ୍ରୀଧର ତାଙ୍କୁ ଅସଦାଚରଣ କରିବା ସହ ଟଣାଓଟରା କରିଥିଲେ। ପୀଡ଼ିତାଙ୍କ ଅଭିଯୋଗକ୍ରମେ ହିନ୍ଦୋଳ ଥାନାରେ ନଂ. ୮/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ସିଟି ସ୍ପେଶାଲ ପୋକ୍‌ସୋ କେସ୍ ନଂ. ୮/୧୯ର ବିଚାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

## ୬ ବଖରା ଜଳିଗଲା

**ଭୁବନ, ୨୩।୧୨(ଡ.ଏନ.ଏ.)**

ଭୁବନ ଥାନା ମଠନୂଆଗାଁରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ନକୁଳ ପାତ୍ରଙ୍କ ୩ ବଖରା, ଅଜୟ ପାତ୍ର, ବିଜୟ ପାତ୍ର, ଉଗ୍ରସେନ ପାତ୍ରଙ୍କ ବଖରାଏ ଲେଖାଏ ଘର ଜଳିପୋଡ଼ି ଛାରଖାର ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଆନୁମାନିକ ୬୦ ହଜାର ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଗୁହାଳରେ ଧୂଆଁ ଦିଆଯାଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଖଙ୍କିରା କପ୍ କ୍ରିକେଟ: ବଡ଼ଚଣା ବିଜୟୀ

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରାରେ ସ୍ଥାନୀୟ ମାରୁତି ସ୍ପୋର୍ଟସ୍ ଆସୋସିଏଶନ ପକ୍ଷରୁ ଆୟୋଜିତ କାହ୍ନୁଚରଣ ଧୀର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚରେ ୱାଇସିସି ଛତିଆକୁ ୮ ରନରେ ହରାଇ ବଡ଼ଚଣା ବିଜୟୀ ହୋଇଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଡ଼ଚଣା ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୫ରନ ସଂଗ୍ରହ କରିଥିଲା। ଜବାବରେ ଛତିଆ ଦଳ ୨୦ ଓଭରରେ ୭ ଉଇକେଟହରାଇ ୧୬୭ରନ୍‌ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଶ୍ୱମୋହନ ସାହୁ,ତାପସ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ଆୟୋଜକ ମାରୁତି ସ୍ପୋର୍ଟ୍ସ କ୍ଲବ ଏବଂ ବାଲିବୋ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଦେବଗଣକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ସଭା



**କାମାକ୍ଷାନଗର, ୨୩।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତର ଦେବଗଣକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବାକୁ ସୋମବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି।

କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଝରଣା ପ୍ରଧାନ, ଅତିରିକ୍ତ ତହସିଲଦାର ମାନସ ଦଣ୍ଡପାଟ, ସାମାଜିକ କର୍ମୀ ଅକ୍ଷୟ ପାଣି, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମତାମତ ସଂଗ୍ରହ କରିଥିଲେ। ଏହା ସୁପାରିସ ହୋଇ ଆସିବା ପରେ ଜିଲା କମିଟିକୁ ପଠାଯିବ। ଜିଲା କମିଟିରେ ଆଲୋଚନା ହେବା ପରେ ଦେବଗଣକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିପାରିବ ବୋଲି ଉପଜିଲାପାଳ କହିଛନ୍ତି। ଜଙ୍ଗଲ ପରିବେଷ୍ଟିତ ଏହି ଗ୍ରାମର ବିକାଶ ଆଖିଦୃଶିଆ ନୁହେଁ। ରାଜସ୍ୱ ଗ୍ରାମ ମାନ୍ୟତା ମିଳିଲେ ସରକାରୀ ଅନୁଦାନ ଆସିବ। ଲୋକମାନେ ମୌଳିକ ସୁବିଧା ସୁଯୋଗ ପାଇପାରିବେ। ପ୍ରଶାସନ ଏଥିପ୍ରତି ସକରାତ୍ମକ ମନୋଭାବ ପୋଷଣ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଅବସରରେ ଗ୍ରାମବାସୀ ପାରମ୍ପରିକ ନୃତ୍ୟର ତାଳେତାଳେ ଅଧିକାରୀଙ୍କ ସହ ନାଚିଥିଲେ।

## ଶାଳ କାଠ ଜବତ, ଜଣେ ଗିରଫ

**କାମାକ୍ଷାନଗର, ୨୩।୧୨(ଡି.ଏନ.ଏ.)**

କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ମହୁଲପାଳ ଛକ ନିକଟରୁ ସୋମବାର ଭୋର୍ ସମୟରେ ବନ ବିଭାଗ କର୍ମଚାରୀ ଚଢ଼ାଉ କରି ଏକ ଗାଡ଼ି (ନଂ. ଓଆର ୦୨ ଇ ୮୯୧୮)ରୁ ସାଇଜ୍ ଶାଳକାଠ ଜବତ କରିଛନ୍ତି। ଏହି ଘଟଣାରେ କାର୍ତ୍ତିକ ସାହୁଙ୍କୁ ଗିରଫ କରାଯାଇଛି। ଗାଡ଼ିରେ କାଠ ଚାଲାଣ ହେଉଥିବା ସୂଚନା ପାଇ ରେଞ୍ଜ ଅଧିକାରୀ ସତ୍ୟନାରାୟଣ ସାହୁ ସଦଳବଳ ଚଢ଼ାଉ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କା ହେବ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଳ୍ପନାଙ୍କ ସ୍ମୃତିରେ ରକ୍ତଦାନ




ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୩।୧୨**

ଓଡ଼ିଶାର ପ୍ରଥମ ମହିଳା ଏଭରେଷ୍ଟ ବିଜୟିନୀ କଳ୍ପନା ଦାସଙ୍କ ସ୍ମୃତିରେ ବଜରଙ୍ଗ କ୍ଲବ ପକ୍ଷରୁ ରବିବାର ସ୍ଥାନୀୟ ଝୁଲଣ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ଜଣ ମହିଳା ଯୋଗଦେଇ ରକ୍ତଦାନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ଅରୁଣ କୁମାର ପଟ୍ଟନାୟକ, ବ୍ୟାଙ୍କ ଅଧିକାରୀ ହୃଷୀକେଶ ମିଶ୍ର, ଗୋପାଳ ପୃଷ୍ଟି, ନେହେରୁ ଯୁବକେନ୍ଦ୍ର ସଂଯୋଜକ ରଞ୍ଜିତ ରେଢ଼ିମୁଲା, ରକ୍ତଦାତା ଅନୁପ୍ରେରକ ସଂଘ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଦୀପ୍ତିମୟୀ ଲେଙ୍କା, କବିତା ବେହେରା, ଗାଳ୍ପିକା ପୁଷ୍ପଲତା ରଥ, ପୋରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ଡ. ପ୍ରେମାନନ୍ଦ ସାହୁ, ରକ୍ତଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କ୍ଲବ ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, ଉପଦେଷ୍ଟା ଗୋପାଳ ପାତ୍ର, ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ନେହେରୁ ଯୁବକେନ୍ଦ୍ରର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ଅମରେଶଙ୍କୁ ପରିବେଶ ସୁରକ୍ଷା ଚିନ୍ତା

## ସାଇକେଲରେ ବୁଲି କରୁଛନ୍ତି ସଚେତନ

**ଢେଙ୍କାନାଳ ଅଫିସ, ୨୩।୧୨**

ବଢ଼ିଚାଲିଛି କଂକ୍ରିଟ ଜଙ୍ଗଲ। ଶିଳ୍ପାୟନ ନାମରେ କଟାଚାଲିଛି ଅସଂଖ୍ୟ ଗଛ। ପ୍ରାକୃତିକ ବିପର୍ଯ୍ୟୟ ବି ପରିବେଶ ପାଇଁ ଏବେ ପାଲଟିଛି ବଡ଼ ଚ୍ୟାଲେଞ୍ଜ। ଆଖି ଆଗରେ ଉଜୁଡ଼ି ଯାଉଥିବା ସବୁଜବନାନୀ ପାଇଁ ଚିନ୍ତାବ୍ୟକ୍ତ କରିଛନ୍ତି ପାରାଦୀପ ପୋର୍ଟ ଟ୍ରଷ୍ଟର ସହକାରୀ ଯନ୍ତ୍ରୀ ଅମରେଶ ନରେଶ ସାମନ୍ତ (୪୪)। ଏଥିପାଇଁ ସେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆରମ୍ଭ କରିଛନ୍ତି ସାଇକେଲ ଯାତ୍ରା।

ସାରା ଓଡ଼ିଶାରେ ଚାରାରୋପଣ କରି ସବୁଜ ବଳୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯନ୍ତ୍ରୀ ଅମରେଶ ୨୧ ତାରିଖରୁ ପାରାଦୀପରୁ ଆରମ୍ଭ କରିଛନ୍ତି ସାଇକେଲ ଯାତ୍ରା। ସେ ଚଣ୍ଡିଖୋଲ, ମଙ୍ଗୁଳି ଦେଇ ରବିବାର ରାତିରେ ଢେଙ୍କାନାଳରେ ପହଞ୍ଚିଥିଲେ। ସର୍କିଟ୍ ହାଉସରେ ରାତ୍ରିଯାପନ କରିବା ପରେ ସୋମବାର ଜିଲା ପ୍ରଶାସନ, ବନ ବିଭାଗ ଏବଂ ପୌରସଂସ୍ଥା ଅଧିକାରୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ଛାତ୍ରୀଛାତ୍ର, ସହରବାସୀଙ୍କୁ ସୁରକ୍ଷିତ ପରିବେଶ ପାଇଁ ବ୍ୟାପକ ପରିମାଣରେ ଗଛ ଲଗାଇବାକୁ ସଚେତନ କରାଇଥିଲେ। ଅପରାହ୍ନରେ ସେ କଟକ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେଠାରୁ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ଶରଣକୂଳ, ବ୍ରହ୍ମପୁର ଦେଇ ଗୋପାଳପୁରରେ ଯାତ୍ରା ଶେଷ କରିବେ ବୋଲି ସେ କହିଛନ୍ତି।

ଅମରେଶ କୁହନ୍ତି, ୧୯୯୯ ମହାବାତ୍ୟାରେ ପାରାଦୀପ, କୁଜଙ୍ଗ ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବହୁ ଗଛ ଉପୁଡ଼ି ପଡ଼ିଥିଲା। ଏହାକୁ ନେଇ ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ। ଏହାପରେ ପାରାଦୀପ ଅଞ୍ଚଳରେ ବୁଲିବୁଲି ଗଛ ଲଗାଇବା ସହ ଅନ୍ୟମାନଙ୍କୁ ମଧ ଏଥିଲାଗି ପ୍ରେରିତ କରିଥିଲେ। ୨୦୦୩ରୁ ଏହି କାର୍ଯ୍ୟ ନିଶାରେ ପରିଣତ ହୋଇଥିଲା। ଏହାପରେ ସେ ସାଇକେଲ ଯାତ୍ରା କରି ଜାଗରଣ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। ଭଲ ରାସ୍ତାରେ ଗୋଟିଏ ଦିନରେ ୮୦କିମି ଯାତ୍ରା କରିପାରୁଛନ୍ତି। ରାସ୍ତା ଖରାପ ଥିଲେ ୫୦କିମି ଯିବା ସମ୍ଭବ ହେଉଛି ବୋଲି ଅମରେଶ ସୂଚନା ଦେଇଛନ୍ତି। ସର୍କିଟ ହାଉସରେ ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସହ ଅନ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ।




ଅମରେଶଙ୍କୁ ସର୍କିଟ ହାଉସରେ ପୌରସଂସ୍ଥା ପକ୍ଷରୁ ସ୍ୱାଗତ କରାଯାଉଛି।

## ସଂକ୍ଷେପରେ

### କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ



ବଅଁରପାଳ,୨୩।୧୨(ଡି.ଏନ.ଏ.)- ବଅଁରପାଳ ବ୍ଲକ କୁଲାଡ଼ଠାରେ ଥିବା ନାଲ୍‌କୋ ରିଜିଓନାଲ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ତରୁଣ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଗଡ଼ତଳ ଉଚ୍ଚ ମାଧମିକ ବିଜ୍ଞାନ କଲେଜ ଅଧକ୍ଷ ନରେନ୍ଦ୍ର କୁମାର ପାଇକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ପ୍ରଶାନ୍ତ ରାଏ, ସନ୍ତୋଷ ନାଥ, ସୁମିତ୍ରା ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### କ୍ଷୀରୋଦଙ୍କୁ ସରସ୍ୱତୀ ସେବା ସମ୍ମାନ



ତାଳଚେର,୨୩।୧୨(ନି.ପ୍ର.) ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ସାମାଜିକକର୍ମୀ କ୍ଷୀରୋଦ ସାହୁଙ୍କୁ ସରସ୍ୱତୀ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଡେରାସ୍ଥିତ ଆମ୍ବମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ତାଳଚେର ଅଞ୍ଚଳର ଗରିବ, ଅସହାୟ କୁଷ୍ଠରୋଗୀ, ଭିନ୍ନକ୍ଷମ ବ୍ୟକ୍ତି, ଆଦିବାସୀ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଉନ୍ନତି କ୍ଷୀରୋଦ କାର୍ଯ୍ୟ କରୁଛନ୍ତି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକର, ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା କାର୍ଯ୍ୟବାହକ ଚନ୍ଦ୍ରଶେଖର ବେହେରା, ବିଦ୍ୟାଳୟର ସଭାପତି ଆର୍ତ୍ତତ୍ରାଣ ପାଣି, ସମ୍ପାଦକ ରୋହିତାଶ୍ୱ ନାଥ ଓ ପ୍ରଧାନ ଗୁରୁଜୀ ନଗେନ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ସ୍ୱର୍ଣ୍ଣପଦକ ବିଜୟୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ତାଳଚେର,୨୩।୧୨(ନି.ପ୍ର.) ସାଉଥ୍ କୋରିଆରେ ଅନୁଷ୍ଠିତ ଗ୍ଲୋବାଲ ଆଇଟି ଚାଲେଞ୍ଜ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଦିବ୍ୟାଙ୍ଗ ଛାତ୍ର ଅମରେଶ ପ୍ରସାଦ ଗୌଡ଼ଙ୍କୁ ତାଳଚେର ଥର୍ମାଲ ଆନନ୍ଦ ବଜାରସ୍ଥିତ ଡିଏଭି ହାୟର ସେକେଣ୍ଡାରୀ ସ୍କୁଲ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍କୁଲ ଅଧକ୍ଷା ତପସ୍ୱିନୀ ମିଶ୍ର ଅମରେଶଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଅମରେଶ ଡିଏଭି ହାୟର ସେକେଣ୍ଡାରୀ ସ୍କୁଲରେ କାର୍ଯ୍ୟରତ ସାଇବ ଗୌଡ଼ଙ୍କ ପୁତ୍ର।

### ମଦ ଜବତ, ଜଣେ ଗିରଫ

କଣିହାଁ, ୨୩।୧୨(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ସାଇଟ୍ ଥାନା ପୋଲିସ ଚୋରା ଦେଶୀ ମହୁଲି ମଦ ଜବତ କରିବା ସହ କୁଲାବୀର ଗ୍ରାମର ବୁଟି ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ରବିବାର ରାତିରେ ପାଟ୍ରୋଲିଂ ବେଳେ ଅଭିଯୁକ୍ତ ଘର ନିକଟରେ ମଦ ବିକ୍ରି କରୁଥିଲେ। ସେଠାରୁ ୧୦ ଲିଟର ମଦ ଜବତ କରାଯିବା ସହ ୧୬୨/୧୯ରେ ଏକ ମାମଲା ରୁଜୁ କରାଯାଇଛି।

■୪୬ତମ ରାଜ୍ୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

# ପ୍ରତି ଜିଲ୍ଲାରୁ ୩ ବିଦ୍ୟାଳୟକୁ ମିଳିବ ସ୍କୁଲ ଅଫ୍ ଏକ୍ସିଲେନ୍ସ

**ଅନୁଗୋଳ ଅଫିସ, ୨୩।୧୨**

ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୪୬ତମ ରାଜ୍ୟସ୍ତରୀୟ ବିଜ୍ଞାନମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ପ୍ରତି ଜିଲାରୁ ୩ଟି ବିଦ୍ୟାଳୟକୁ ସ୍କୁଲ ଅଫ୍ ଏକ୍ସିଲେନ୍ସି ଭାବେ ବାଛି ନାମ ପଠାଇବାକୁ ଜିଲା ଶିକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି। କେଉଁ ଜିଲାରୁ କେଉଁ ବିଦ୍ୟାଳୟ ଏହି ମାନ୍ୟତା ପାଇବ ତାହା ଆସନ୍ତାବର୍ଷ ଘୋଷଣା କରାଯିବ। ତେବେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଏହି ମାନ୍ୟତା ପାଇବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହା ହେଲେ ଉକ୍ତ ସ୍କୁଲର ଭିତ୍ତିଭୂମି ସହ ଅନ୍ୟାନ୍ୟ ଅନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ସପ୍ତାହରେ ୬ ଦିନ ବିଜ୍ଞାନ କ୍ଲାସ୍‌ରେ ୩୦ ମିନିଟ୍ ଲେଖାଏ ଶିକ୍ଷକମାନେ ବିଜ୍ଞାନ ପଢ଼ାଇ ଅନ୍ୟ ୧୫ ମିନିଟ୍ ଗୋଟିଏ ଗୋଟିଏ ବିଷୟ ଉପରେ ଆଲୋଚନା କଲେ ବିଜ୍ଞାନର ଆଦୃତି ବଢ଼ିବ। ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ଏମ୍ସର ଡାକ୍ତର ଦିଲୀପ କୁମାର ମୁଦୁଲି କହିଥିଲେ, ଆଜି କାଲିର ଅଭିଭାବକମାନେ ପିଲାଙ୍କୁ ନେଇ କେବଳ ଡାକ୍ତର, ବୈଜ୍ଞାନିକ ଓ ଇଞ୍ଜିନୟର ସ୍ୱପ୍ନ ଦେଖୁଛନ୍ତି। କେହି ଜଣେ ବି ଚାଷୀ ହେବାର ସ୍ୱପ୍ନ ଦେଖୁନାହାନ୍ତି। ଚାଷୀ ମଧ୍ୟ ଜଣେ ବୈଜ୍ଞାନିକ ବୋଲି ସେ କହିଥିଲେ। ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ରାଜ୍ୟସ୍ତରୀୟ ବିଜ୍ଞାନମେଳାରୁ ପ୍ରକଳ୍ପକୁ ନେଇ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ସେମାନଙ୍କ କାର୍ଯ୍ୟରେ ଲଗାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏ ବିଜ୍ଞାନ ଲ୍ୟାବ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ପ୍ରଫେସର ଦୀନେଶ କୁମାର ଯୋଗଦେଇ ଗୁଗୁଲରେ ସର୍ଚ୍ଚ କରିବା ଅପେକ୍ଷା ନିଜ ବୁଦ୍ଧି ଓ ଜ୍ଞାନରେ ଆବିଷ୍କାର ଏବଂ କ୍ରିଏଟିଭ କରିବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପନିର୍ଦ୍ଦେଶିକା ଡ. ନିବେଦିତା ନାୟକ ଉପସ୍ଥିତ ଥିଲେ। ଏହି ରାଜ୍ୟସ୍ତରୀୟ ବିଜ୍ଞାନମେଳାରୁ ୩୬ଟି ପ୍ରକଳ୍ପକୁ କୋଲକାତାରେ ପୂର୍ବ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଥିଲା। ଅନୁଗୋଳ ଜିଲାରୁ ନେହେରୁ ଉଚ୍ଚ ବିଦ୍ୟାଳୟ ଗଡ଼ସନ୍ତ୍ରୀ ଓ ଡେରା କଲିୟରୀ ଉଚ୍ଚ ବିଦ୍ୟାଳୟକୁ ଏହି ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଛି। ସମଗ୍ର ଶିକ୍ଷା ବିଭାଗର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ କୁଳମଣି ମେହେର, ଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାରନାଥ ବେହେରାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଗାଇଡମାନେ ଉପସ୍ଥିତ ଥିଲେ।



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ଅନ୍ୟ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

### ରାଗିଗଲେ ମନ୍ତ୍ରୀ, ରୁଷିଲେ ନିରଞ୍ଜନ

ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଞ୍ଚକୁ ଚଢ଼ିବା କ୍ଷଣି ଜିଲା ଶିକ୍ଷା ଅଧିକାରୀଙ୍କ ଉପରେ ଖପ୍ପା ହୋଇଯାଇଥିଲେ। ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଚାଲିଥିବାବେଳେ କାହିଁକି ଜିଲା ପରିଷଦ ସଦସ୍ୟଙ୍କୁ ଡକାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଭବିଷ୍ୟତରେ ଏପରି ନ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ସମଗ୍ର ଶିକ୍ଷା ବିଭାଗର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ମଞ୍ଚ ଉପରେ ଆସନ ନ ପାଇ ମଞ୍ଚ ସମ୍ମୁଖ ଆସନରେ ବସିଥିଲେ। ବିଜ୍ଞାନ ପର୍ଯ୍ୟବେକ୍ଷକ ତୁରନ୍ତ ଉପରେ ଚୌକିର ବନ୍ଦୋବସ୍ତ କରିଥିଲେ ବି ସେ ଆଉ ମଞ୍ଚ ଉପରୁକୁ ଯାଇ ନ ଥିଲେ।

### ମାଘମେଳା ଆୟବ୍ୟୟ ସମୀକ୍ଷା



**ଢେଙ୍କାନାଳ ଅଫିସ, ୨୩।୧୨**

ମହିମା ଧର୍ମପୀଠ ଯୋରନ୍ଦାରେ ଗତ ମାଘମେଳାର ଆୟବ୍ୟୟ ସମୀକ୍ଷା ବୈଠକ ସୋମବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶିବଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ପିଇଓ କେ.ସତ୍ୟନାରାୟଣ ଆୟବ୍ୟୟ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ମେଳାରେ ୧୨ଲକ୍ଷ ୫୪ହଜାର ୫୯୭ଟଙ୍କା ଆୟ ହୋଇଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ୭ଲକ୍ଷ ୭୫ହଜାର ଟଙ୍କା ମିଳିଥିଲା। ୧୬ଲକ୍ଷ ୫୦ହଜାର ୯୨୩ ଟଙ୍କା ବ୍ୟୟ କରିବାକୁ ଅନୁମୋଦନ କରାଯାଇଥିବା ସୂଚନା ଦିଆଯାଇଛି। ପ୍ରାରମ୍ଭରେ କୌପିନଧାରୀ ମହିମା ସମାଜ ଅଧକ୍ଷ ରଘୁନାଥ ବାବା, ଭଣ୍ଡାର ରକ୍ଷକ ବିଶେଶ୍ୱର ବାବା, ସତ୍ୟ ମହିମା ଧର୍ମଧାମ ପରିଷଦର ପରିଚାଳନା ସଦସ୍ୟ ସୁବ୍ରତ ବାବା, ସାଧୁ ବେଦବ୍ୟାସ ଦାସ, ଅତିରିକ୍ତ ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ସମୀକ୍ଷା କରିଥିଲେ। ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ପୋଖରୀ ଚାରିପାଖ ସଫେଇ, ପରିମଳ, ସ୍ୱାସ୍ଥ୍ୟ, ପାନୀୟଜଳ, ଯାତ୍ରା ପଡ଼ିଆରେ ଜଳସିଞ୍ଚନ, ମାଳିଭୂଇଁ ନାଳର ପୁନରୁଦ୍ଧାର ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ଅଧିକାରୀ, ସ୍ଥାନୀୟ ସରପଞ୍ଚ ଯାତ୍ରା ପଡ଼ିଆର ପରିଦର୍ଶନ କରିଥିଲେ।

## ୬୯ ଅଭିଯୋଗର ଶୁଣାଣି



ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀମାନେ।

**ଆଠମଲ୍ଲିକ, ୨୩।୧୨(ଡି.ଏନ.ଏ.)**

ଆଠମଲ୍ଲିକ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୬୯ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ସମସ୍ୟା ଉପରେ ଥିଲା। ଆଠମଲ୍ଲିକ ଏନ୍‌ଏସିରେ ଜାଳେଣି କାଠ ଡିପୋ ଖୋଲିବାକୁ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର କୁମାର ମିଶ୍ର ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏହି ଶିବିରରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ସିଡିଏମଓ ଅମରେନ୍ଦ୍ର ନାଥ ମହାନ୍ତି, ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବ୍ଲକ ଅଧକ୍ଷା ମୀନାକ୍ଷୀ ଦଳେଇ, ସହକାରୀ ଜିଲାପାଳ ଈଶାନୀ ପଣ୍ଡା, ନାରାୟଣ ମହାପାତ୍ର, ସର୍ବଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାସଙ୍କ ସମେତ ବିଭିନ୍ନ ଜିଲା, ଉପଖଣ୍ଡ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୬ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଶୁଣାଣିକୁ ଅଭିଯୋଗ ଧରି ଆସିଥିବା ଆଠମଲ୍ଲିକ ବ୍ଲକ ଓଳଥ ଗ୍ରାମବାସୀ ପ୍ରସ୍ତାବିତ ମେଗାଲିଫ୍ଟ ପ୍ରକଳ୍ପ ସ୍ଥାନାନ୍ତରକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ସେହିପରି ଡିଗପଦର ଗ୍ରାମର ନିଖୋଜ ଅଙ୍ଗନୱାଡି ସହାୟିକା ବାଲି ପ୍ରଧାନଙ୍କ ସନ୍ଧାନ ଏଯାଏ ପୋଲିସ ପାଇ ନ ଥିବା ବିରୋଧରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦେବା ପାଇଁ ଆଞ୍ଚଳିକ ମହିଳା ସୁରକ୍ଷା କମିଟି ଚେତାବନୀ ଦେଇଥିଲା।

### ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

**ଛେଣ୍ଡିପଦା,୨୩।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ଆମ୍ବୁରୀସାହି ଠାରେ ଥିବା ଦୁର୍ଗାପୁର ମୌଜାର ୦.୩୫ ଡିସିମିଲ ଜମିକୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିବା ଗ୍ରାମବାସୀ ବିଡିଓ ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଉକ୍ତ ଜମିରେ ନିର୍ମାଣ ହେବାକୁ ଥିବା ମିଶନ ଶକ୍ତି ସଭାଗୃହ ଫାଉଣ୍ଡେଶନ ପାଇଁ ଗତ ୪ ତାରିଖରେ ବିଡିଓ ସୁନୀଲ କୁମାର କେରକେଟା ଓ ସହକାରୀ ଯନ୍ତ୍ରୀ ଯାଦବାନନ୍ଦ ସାହୁ, କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ପଟେଲ ପ୍ରମୁଖ ଲେଆଉଟ ଦେଇଥିଲେ। ହେଲେ ଏହା ପରଦିନ ସମ୍ପୃକ୍ତ ପ୍ରଭାବଶାଳୀ ବ୍ୟକ୍ତି ସେଠାରେ ବାଡ ଦେବା ସହିତ ଟ୍ରାକ୍ଟର ବୁଲାଇ ଜମିକୁ ଜବର ଦଖଲ କରିଥିଲେ। ତେଣୁ ତୁରନ୍ତ ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଉଛି। ଏ ନେଇ ତହସିଲଦାର ଡାନିଏଲ ଏକ୍କା କହିଛନ୍ତି, ଖୁବଶୀଘ୍ର ଉପରୋକ୍ତ ସରକାରୀ ଜମି ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବ।

## ରାଉରକେଲା ଏକାଦଶ ଫାଇନାଲରେ



ଅତିଥି ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ପାଲଲହଡା,୨୩।୧୨(ଡି.ଏନ.ଏ.)**

ସ୍ଥାନୀୟ ପାଲଲହଡା ଷ୍ଟାଡିୟମଠାରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଅନୁକୂଲ୍ୟରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫର-ସି କ୍ଲବ ସମ୍ବଲପୁରକୁ ହରାଇ ରାଉରକେଲା ଏକାଦଶ ଫାଇନାଲରେ ପ୍ରବେଶ କରିଛି। ରାଉରକେଲା ଏକାଦଶ ପ୍ରଥମେ ବ୍ୟାଟିଂ କରି ୨୧୧ ରନ କରିଥିବା ବେଳେ ଫୋର- ସି ସମ୍ବଲପୁର ୧୮୨ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚକୁ ମାଧବ ଚନ୍ଦ୍ର ସାହୁ ଏବଂ ରମେଶ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଜୟ ଶ୍ରୀରାମ କ୍ରିକେଟ କ୍ଲବର ସଭାପତି ରଘୁନନ୍ଦନ ଆଚାର୍ଯ୍ୟ, ସମ୍ପାଦକ ଯୋଗେଶ କୁମାର ଭୁକ୍ତାଙ୍କ ସହ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

■ଏନ୍‌ଟିପିସି ପକ୍ଷରୁ ମେଧାବୀଙ୍କୁ ଉତ୍କର୍ଷ ଛାତ୍ରବୃତ୍ତି

## 'କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ'



ଅତିଥିଙ୍କ ସହ ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନେ।

**ତାଳଚେର,୨୩।୧୨(ନି.ପ୍ର.)**

ଏନ୍‌ଟିପିସି କଣିହାଁ ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ଶନିବାର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉତ୍କର୍ଷ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ପ୍ରକଳ୍ପ ଆଖପାଖ ଅଞ୍ଚଳର ୧୫ଟି ସ୍କୁଲରୁ ମୋଟ୍ ୩୮ଜଣ ମାଟ୍ରିକ୍ ପାଶ୍ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ସହ ୩ ହଜାର ଟଙ୍କା ଲେଖାଏ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଏନ୍‌ଆଇଟି ରାଉରକେଲା ଏବଂ ଭିଏସ୍‌ଏସ୍‌ୟୁଟି କଲେଜର ଜଣେ ଲେଖାଏ ଅଧ୍ୟୟନରତ ଛାତ୍ରଙ୍କୁ ୯୦ ହଜାର ଟଙ୍କା ଲେଖାଏ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏନ୍‌ଟିପିସି କଣିହାଁ ପ୍ରକଳ୍ପର ସିଜିଏମ୍ ସୁଦୀପ ନାଗ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉତ୍କୃଷ୍ଟ ଶୈକ୍ଷିକ ପ୍ରଦର୍ଶନ ପାଇଁ ପ୍ରଂଶସା କରିଥିଲେ। କଠିନ ପରିଶ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ସଫଳତା ହାସଲ କରି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ନାଗ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହିତ କରିବା ତଥା ସେମାନଙ୍କ ପ୍ରଦର୍ଶନକୁ ଆହୁରି ଭଲ କରିବା ଏହି ଛାତ୍ରବୃତ୍ତି ପ୍ରଦାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏଜିଏମ୍(ଏଚ୍‌ଆର୍) ପିଏମ୍‌ଜିଭି ଶ୍ରୀନିବାସ, ଡିଜିଏମ୍(ଏଚ୍‌ଆର୍) ଜାକିର ଖାନ୍, ସିନିୟର ମ୍ୟାନେଜର(ଏଚ୍‌ଆର୍) ଏସ୍.କେ. ଦାସ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ।

## କଂଗ୍ରେସର କର୍ମୀ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତାମାନେ।

**ଛେଣ୍ଡିପଦା,୨୩।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ସଦର ମହକୁମାଠାରେ ଶୁକ୍ରବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ କୃତାର୍ଥ ଦେହୁରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ନେତା ଶରତ ପଟ୍ଟନାୟକ, ଇଂ. ସସ୍ମିତା ବେହେରା, ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା, ଛେଣ୍ଡିପଦା ବ୍ଲକର ପୂର୍ବତନ ଅଧକ୍ଷ ରଘୁନାଥ ସାହୁ, କଳାକର ସାହୁ, ଶାନ୍ତିଲତା ନଏକ, ଅନୁଗୋଳ ବାର୍ ଆସୋସିଏଶନ ସଭାପତି ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଥିସହିତ ଦଳରୁ ବାହରି ଯାଇଥିବା କର୍ମୀଙ୍କୁ ଫେରାଇ ଆଣି ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସୌଭାଗିନୀ ଗଡନାୟକ, ପାତ୍ରପଡା ପଞ୍ଚାୟତ ସମିତି ସଭ୍ୟ ଶରତ ଚନ୍ଦ୍ର ସାହୁ, ଉତ୍ତମ ସାହୁ, ବିପିନ ପାତ୍ର, ଶତ୍ରୁଘନ ସାହୁ, ଗୋବିନ୍ଦ ସାହୁ, ଅଶୋକ ସାହୁ, ବିରଞ୍ଚି ଗଡନାୟକ, ବ୍ରଜବନ୍ଧୁ ନାଥ, ଯୁଧିଷ୍ଠିର ମାଝିଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଗଣିତ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୨୩।୧୨:** ଗଁଦିଆ ବ୍ଲକ ଦେଓଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁ ଏଥିରେ ଅଧକ୍ଷତା କରି ଦୈନନ୍ଦିନ ଜୀବନରେ ଗଣିତର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଗଣିତ କୁଇଜ୍ ପ୍ରତିଯୋଗିତାରେ ଶ୍ରେୟା ସୁରୁଚି ଖଟୁଆ, ନୂତନ ଆନନ୍ଦ ପତି, ଜଗଦୀଶ ପତି, ରୋଶନ ସାହୁ, ସୋମନାଥ ବାରିକ ପ୍ରମୁଖ କୃତିତ୍ୱ ହାସଲ କରିଥିଲେ। ଏହି ଅବସରରେ ବିଖ୍ୟାତ ଗଣିତଜ୍ଞ ରାମାନୁଜନ୍‌ଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ସୁଶାନ୍ତଙ୍କୁ ଇନସ୍ପାରିଂ ସିଟିଜେନ୍ ପୁରସ୍କାର




**ଓଡ଼ାପଡ଼ା, ୨୩।୧୨(ଡି.ଏନ.ଏ.):** ଜିଏମ୍‌ଆର କମଳାଙ୍ଗ ଏନର୍ଜି (ଜିକେଇଏଲ)ର ଇଏଚ୍ଏସ୍ ବିଭାଗ ମୁଖ୍ୟ ସୁଶାନ୍ତ ସାହୁଙ୍କୁ ଚଳିତବର୍ଷର ଇନସ୍ପାରିଂ ସିଟିଜେନ୍ ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଏବଂ ସାମାଜିକ ସଂସ୍କାର କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟ ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେଲ୍ଫ ରେଲିଆନ୍ସ ପକ୍ଷରୁ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ଭୁବନେଶ୍ୱର ପ୍ରେସ୍‌କ୍ଲବରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ। ସୁଶାନ୍ତଙ୍କ ଏହି ଉପଲବ୍ଧି ପାଇଁ କମ୍ପାନୀର ସିଓଓ ରମେଶ ଆର୍. ପାଇ ଅଭିନନ୍ଦନ ଜଣାଇଛନ୍ତି।

## ମିଳିତ ଜନ ଶୁଣାଣି ଶିବିର

# ୨୦୮ ଅଭିଯୋଗ ସମାଧାନ



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୩।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭତ୍ତା, ଆବାସ, ବିବାଦ ସମେତ ମୋଟ ୨୫୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୨୦୮ଟିର ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସହାୟତା ପାଇଁ ୨ ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେହିପରି ଚିକିତ୍ସା, ଜୀବନଜୀବିକା ସହାୟତା ଲାଗି ମୋଟ ୨୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶିବିରରେ ଯୋଗଦେଇ ଅଭିଯୋଗଗଡ଼ିକର ଶୁଣାଣି କରିବା ସହ ଏହାର ସମାଧାନ କରିଥିଲେ। ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ବିଡିଓ ଉତ୍କଳରଞ୍ଜନ ଆଚାର୍ଯ୍ୟ, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଆର୍‌ଡବ୍ଲ୍ୟୁଏସ୍ଏସ୍ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ସହକାରୀ ଜିଲାପାଳ (ଜରୁରୀ ଓ ଆପତ୍‌କାଳୀନ) ଶଶାଙ୍କ ଶେଖର ମିଶ୍ର, ସହକାରୀ ଜିଲାପାଳ (ପିଜିସେଲ) ସୀତାଂଶୁ ଶେଖର ଦାସ, ଅଧିକାରୀ ଲଳିତ ମାଧବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍

# ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ରାମେଶ୍ୱର ବିଜୟୀ

**ଭୁବନ, ୨୩।୧୨(ଡି.ଏନ.ଏ.)**

ଭୁବନ ମିନି ଷ୍ଟାଡିୟମରେ ଚାଲିଥିବା ୨୮ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ସୋମବାର ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଆୟୋଜକ ଭୁବନକୁ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ଦଳ ନିର୍ଦ୍ଧାରିତ ୨୫ ଓଭରରେ ୨୦୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପରେଶ ପଟେଲ ୨୨ ବଲ୍‌ରୁ ୪୭ ଏବଂ ନରେନ୍ଦ୍ର ଦାସ ୨୫ ବଲ୍‌ରୁ ୫୩ ରନ୍ ସଂଗ୍ରହ କରିଥିଲେ। ଘରୋଇ ଦଳର ଅମିତାଭ ସାହୁ ୩, ମୋହନ ସାହୁ ୩, ମିଥୁନ ଗୁରୁ ୨ ଉଇକେଟ ନେଇଥିଲେ। ଜବାବରେ ଭୁବନ ଦଳ ୨୫ ଓଭରରେ ୭ ଉଇକେଟ ହରାଇ ୨୦୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଲକ୍ଷ୍ମୀଧର ସାହୁ ୩୬ ବଲ୍‌ରୁ ୫୩ ଏବଂ ଦେବାଶିଷ ବେହେରା ୪୧ ବଲ୍‌ରୁ ୩୯ ରନ୍ କରିଥିଲେ। ରାମେଶ୍ୱର ଦଳର ନଦୀମ ଖାନ୍ ୩ ଉଇକେଟ ନେଇଥିଲେ। ବିଜୟୀ ଦଳର ନରେନ୍ଦ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅସିତ୍ ପଟ୍ଟନାୟକ, ସବ୍ୟସାଚୀ ଶାହା ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଜିତ କିଶୋର ସାହୁ, ଚିନ୍ମୟ ପୃଷ୍ଟି ଧାରା ବିବରଣୀ ଦେଇଥିଲେ। ମଙ୍ଗଳବାର ୩ୟ ଲିଗ୍ ମ୍ୟାଚ୍ ନାଗପୁର ଏବଂ ଭୁବନ ମଧ୍ୟରେ ଖେଳାଯିବ।

ବିଡିଓ ଆଶୀର୍ବାଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା, ଜ୍ଞାନରଞ୍ଜନ ସାହୁ, ଅରୁଣ ନାୟକ, ଦେବାନନ୍ଦ ବେହେରା, ସୁଶାନ୍ତ ପୃଷ୍ଟି ଅତିଥି ଭାବେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ରାମେଶ୍ୱର ଦଳର ଶ୍ରେଷ୍ଠ ଖେଳାଳି ନରେନ୍ଦ୍ର ଦାସ (ବାମରୁ ପଞ୍ଚମ।)




## ଦ୍ୱିତୀୟ ସର୍ବଭାରତୀୟ ବୀରାଶାଳ କ୍ରିକେଟ

# ପାରାଦୀପକୁ ହରାଇ କଟକ ବିଜୟୀ

କାମାକ୍ଷାନଗର, ୨୩।୧୨(ଡି.ଏନ.ଏ.)-ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳରେ ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ଶିକ୍ଷାବିତ୍ ରମେଶ ମିଶ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ପାରାଦୀପ କ୍ରିକେଟ ଏକାଡେମୀକୁ ହରାଇ କଟକର ମା' ମଙ୍ଗଳା କ୍ଲବ ବିଜୟୀ ହୋଇଛି। ପାରାଦୀପ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ କଟକ ୧୯ ଓଭରରେ ୬ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ଲୋକେଶ ରଞ୍ଜନ ରାଉତରାୟ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ସୁରେନ୍ଦ୍ର ସାହୁ, ଦିବ୍ୟରଞ୍ଜନ ସାହୁ କ୍ରୀଡ଼ା ପରିଚାଳନା କରିଥିବାବେଳେ ବିଭୁ କଲ୍ୟାଣ ସେନାପତି, କାହ୍ନୁ ଦାସ, ଶୁଭମ୍ ନନ୍ଦ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିପିନ ବିହାରୀ ସାହୁ ଧାରାବିବରଣୀ ଦେଇଥିଲେ। ମଙ୍ଗଳବାର ବିଶାଖାପାଟଣା ଏବଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବଳାତ୍କାର ଅଭିଯୁକ୍ତ କୋର୍ଟ ଚାଲାଣ

**ପରଜଙ୍ଗ, ୨୩।୧୨(ଡି.ଏନ.ଏ.)**

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଞ୍ଚଳର ଜନୈକା ନାବାଳିକା ବଳାତ୍କାର ମାମଲାରେ ପୋଲିସ ସୋମବାର ଅଭିଯୁକ୍ତ ସାଇରାଜ ସାହୁଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ସରୋଜ ସେଠୀ ସୂଚନା ଦେଇଛନ୍ତି। ଅନ୍ୟପଟେ ସୋମବାର ୧୬୪ ଧାରା ଅନୁଯାୟୀ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏ ନେଇ ନଂ. ୩୧୧/୧୯, ଦଫା ୩୭୬, ୨ଏନ୍, (୫୦୬ ଆଇପିସି) ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି। ପୀଡ଼ିତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରେ ସେ ନିଜ କଥାରୁ ଓହରି ଯାଇଥିଲେ। ଏପରି କି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଛି।

# ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କାମାକ୍ଷାନଗର, ୨୩।୧୨(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ ଖୁଣ୍ଟବାଟି ଗ୍ରାମରେ ବୀଣାପାଣି କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୌଡ଼, କବାଡ଼ି, ଫୁଟବଲ, ଭଲିବଲ ଆଦି ବିଭାଗରେ ଖେଳ ଆୟୋଜିତ ହୋଇଥିଲା। ୧୦ ପଞ୍ଚାୟତର ୨୪୦ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ଗ୍ରାମ ସଭାପତି ଅବନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।




